بسم الله الرحمن الرحيم

**୨୦ ଜୁଲାଇ ୨୦୧୮ ଖୁତବା ଜୁମାର ସାରାଂଶ**
**ସ୍ଥାନ - ମସଜିଦ୍ ବୟତୁଲ୍ ଫୁତୁହ୍, ଲଣ୍ଡନ**

ଉଚ୍ଚ ଆସନରେ ବିରାଜମାନ ହଜରତ ମହମ୍ମଦ ସ.ଆଙ୍କ ସାହାବା ରିଜୱାନୁଲ୍ଲାଃ ଆଲୈହିମ୍ ଓ ଅଜ୍‌ମଇନ୍‌ଙ୍କ ବିଶ୍ୱାସ ବର୍ଦ୍ଧକ, ହୃଦୟସ୍ପର୍ଷକ ତଥା ମନମୁଗ୍ଧକର ଚର୍ଚ୍ଚା ।

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନୱର ଅ:ବ କହିଲେ- ହଜରତ ମହମ୍ମଦ ସ.ଆଙ୍କର ଜଣେ ସାହାବା ହଜରତ ଖଲ୍ଲାଦ ବିନ୍ ରାଫେ ଜରକି ନାମି ଥିଲେ । ସେ ସେହି ଭାଗ୍ୟବାନ ଲୋକମାନଙ୍କ ମଧ୍ୟରେ ସାମିଲ୍ ଥିଲେ ଯେ ବଦର ଓ ଓ୍ୱହଦ ଯୁଦ୍ଧରେ ସାମିଲ ଥିଲେ । ତାଙ୍କୁ ଅଲ୍ଲାଃତାଲା ଅନେକ ସନ୍ତାନ ମଧ୍ୟ ପ୍ରଦାନ କରିଥିଲେ । ଲେଖାଅଛି ହଜରତ ମାଜ ବିନ୍ ରାଫେ ନିଜ ପିତାଙ୍କ ମାଧ୍ୟରେ ବର୍ଣ୍ଣନା କରନ୍ତି କି ମୁଁ ନିଜ ଭ୍ରାତା ହଜରତ ଖଲ୍ଲାଦ୍ ବିନ୍ ରାଫେ ଓ ହଜୁର ସ.ଆଙ୍କ ସହ ଗୋଟିଏ ଅତି ଦୁର୍ବଳ ଓ ଭାରାକ୍ଳାନ୍ତ ଓଟ ଉପରେ ବସି ବଦର ଯୁଦ୍ଧରେ ହାଜର ହେବା ନିମନ୍ତେ ବାହାରି ବରିଦ ସ୍ଥାନରେ ପହଂଚିଲୁ ଯାହାକି ରୋହା ସ୍ଥାନ ପଛରେ ଅବସ୍ଥିତ । ସେଠାରେ ଆମ ଓଟ ବସି ପଡ଼ିଲା, ସେଠାରେ ମୁଁ ଦୁଆ କଲି ହେ ଅଲ୍ଲାଃ ! ମୁଁ ତୁମ ପ୍ରତିଜ୍ଞା କରି କହୁଅଛୁ ଯଦି ତୁମେ ଆମକୁ ଏହି ଓଟ ଦ୍ୱାରା ମଦିନାରେ ପହଂଚାଇ ଦିଅ ତେବେ ଆମେ ତାହାକୁ ତୁମ ମାର୍ଗରେ ବଳିଦାନ କରିଦେବୁ । ଆମେ ଏହି ଅବସ୍ଥାରେ ଥିଲୁ କି ହଜୁର ସ.ଆ ଆମକୁ ଅତିକ୍ରମ କଲେ ଏବଂ ଆମକୁ ପଚାରିଲେ କ'ଣ ହେଲା ? ଆମେ ସମସ୍ତ ଘଟଣା ସମ୍ବନ୍ଧରେ ଆପଣଙ୍କୁ ଅବଗତ କଲୁ । ହଜୁର ସ.ଆ ଆମ ନିକଟରେ ରହି ଓ୍ୱଜୁ କଲେ ଏବଂ ଅବଶିଷ୍ଟ ଜଳରେ ନିଜ ପବିତ୍ର ଛାପ ପକାଇ ଆମକୁ ଆଦେଶ ଦେଲେ ଓଟର ମୁହଁ ଖୋଲ । ତାପରେ ହଜୁର ତାହା ମୁହଁରେ କିଛି ଜଳ ଦେଲେ ଏବଂ ତାହାର ମୁଣ୍ଡ, ବେକ, କାନ୍ଧ, କୁହାନ୍(କୁଜ), ପିଠି, ଲାଞ୍ଜ ଇତ୍ୟାଦି ଉପରେ ଜଳ ସିଂଚନ କଲେ । ତାପରେ ହଜୁର ଦୁଆ କଲେ ହେ ଅଲ୍ଲାଃ ! ରାଫେ ଓ ଖଲ୍ଲାଦଙ୍କୁ ଏହି ଓଟରେ ଆରୋହଣ କରି ନେଇଯାଅ । ତାପରେ ହଜୁର । ସ.ଆ ଛିଡ଼ା ହୋଇଗଲେ ଏବଂ ଆମେ ମଧ୍ୟ ପୁନଃ ଯାତ୍ରା କରିବା ଆରମ୍ଭ କଲୁ, ଏପରିକି ଆମେ ହଜୁର ସ.ଆଙ୍କୁ ମୁନସିଫ୍ ସ୍ଥାନରେ ଭେଟିଲୁ ଏବଂ ଆମ ଓଟ ଦଳରେ ସମସ୍ତଙ୍କ ଆଗରେ ଥିଲା ହଜୁର ସ.ଆ ଆମକୁ ଦେଖି ଆନନ୍ଦିତ ହେଲେ । ଆପଣଙ୍କ ଦୁଆ ଫଳରେ ଉକ୍ତ ଓଟର ଦୁର୍ବଳତା ସମ୍ପୂର୍ଣ୍ଣ ରୂପେ ଉଭେଇ ଯାଇଥିଲା । ସେ କୁହନ୍ତି ଆମେ ଯାତ୍ରା ଅବ୍ୟାହତ ରଖିଲୁ ଏପରିକି ବଦର ସ୍ଥାନରେ ପହଂଚିଗଲୁ । ବଦରରୁ ପତ୍ୟାବର୍ତନ କରିବା ବେଳେ ଉକ୍ତ ଓଟଟି ପୁନଶ୍ଚ ମୁସଲି ସ୍ଥାନରେ ବସି ପଡ଼ିଲା ତାପରେ ମୋ ଭାଇ ତାହାକୁ ଜବାଃ କରି ତାହାର ମାଂସ ବାଣ୍ଟି ଦେଲେ ।

ଆଉ ଜଣେ ସାହାବା ହଜରତ ହାରସା ବିନ୍ ସୁରାକା ନାମି ଅଟନ୍ତି ଯାହାଙ୍କ ଦେହାନ୍ତ ୨ ହିଜରୀରେ ବଦର ଯୁଦ୍ଧରେ ଘଟିଥିଲା । ତାଙ୍କ ମାତା ହଜରତ ରବିୟା ବିନତ୍ ନଜର ହଜରତ ଅନସ ବିନ୍ ମାଲିକ୍‌ଙ୍କ ଫୁପୁ ଥିଲେ । ହିଜରତ (ପ୍ରବାସ) କରିବା ପୂର୍ବରୁ ସେ ମୁସଲମାନ ହୋଇଯାଇଥିଲେ ଯେତେବେଳେ କି ତାଙ୍କ ପିତାଙ୍କର ଦେହାନ୍ତ ଘଟିଥିଲା । ହଜୁର ସ.ଆ ତାଙ୍କ ଓ ସାଇବ୍ ବିନ୍ ଉସମାନ ବିନ୍ ମଗଉନ୍‌ଙ୍କ ମଧ୍ୟରେ ଭାତୃଭାବ ସ୍ଥାପନ କରିଥିଲେ । ହଜରତ ହାରସା ବିନ୍ ସୁରାକା ନିଜ ମାତାଙ୍କ ସହ ଅତ୍ୟନ୍ତ ନମ୍ର ଆଚରଣ କରୁଥିଲେ, ଏପରିକି ତାଙ୍କ ସମ୍ବନ୍ଧରେ ଏକଦା ହଜୁର ସ.ଆ କହିଲେ ମୁଁ ବୈକୁଣ୍ଠରେ ପ୍ରବେଶ କଲି ଏବଂ ସେଠାରେ ହଜରତ ହାରସାଙ୍କୁ ଦେଖିଲି । ହବାବ ବିନ୍ ଅରଫା ବଦର ଯୁଦ୍ଧରେ ତାଙ୍କୁ ସହିଦ କରିଥିଲେ । ସେ ତାଙ୍କୁ ସେତେବେଳେ ତୀର ମାରିଲା ଯେତେବେଳେ କି ଆପଣ ଜଳକୁଣ୍ଡରୁ ଜଳ ସେବନ କରୁଥିଲେ, ଯାହାକି ଆପଣଙ୍କ ଗଳାରେ ପ୍ରବେଶ କରିଯାଇଥିଲା ଯଦ୍ୱାରା ଆପଣ ଶହିଦ୍ ହୋଇଗଲେ । ଏକଦା ହଜୁର ସ.ଆ ତାଙ୍କୁ ପଚାରିଲେ ହେ ହାରସା ତୁମେ ସକାଳ କେମିତି କଲ ସେ ଉତର ଦେଲେ ମୁଁ ଅଲ୍ଲାଃଙ୍କ ଉପରେ ଦୃଢ ଆସ୍ଥା ରଖିବା ଅବସ୍ଥାରେ ସକାଳ କଲି । ହଜୁର ସ.ଆ କହିଲେ ଦେଖ ତୁମେ କ'ଣ କହୁଅଛ କାରଣ ପ୍ରତ୍ୟେକ କଥାର ଗୋଟିଏ ସତ୍ୟାସତ୍ୟ ରହିଛି । ସେ ନବଯୁବକ ଜଣକ କହିଲେ ହେ ଅଲ୍ଲାଃଙ୍କ ରସୁଲ ମୋ ହୃଦୟ ସଂସାରର ମୋହ ମାୟାରୁ ତୁଟିଗଲାଣି । ମୁଁ ରାତି ସାରା ଜାଗି ରହୁଛି ଓ ଦିନସାରା ଅର୍ନ୍ନଜଳ ସେବନ କରୁ ନାହିଁ ଅର୍ଥାତ ଉପବାସ କରି ଅଲ୍ଲାଃଙ୍କ ଆରାଧନା କରୁଅଛି ଏବଂ ଯେପରି ମୁଁ ନିଜ ପାଳନକର୍ତାଙ୍କ ଅରସ (ସିଂହାସନ) ସ୍ୱଚକ୍ଷୁରେ ଦେଖୁଅଛି ଯେପରିକି ମୁଁ ବୈକୁଣ୍ଠବାସୀଙ୍କୁ ଦେଖୁଅଛି ତଥା ସେମାନଙ୍କ ସହ ସାକ୍ଷାତ କରୁଅଛି । ପୁଣି ନର୍କବାସୀଙ୍କୁ ଦେଖୁଅଛି ଯେ କି ସେଠାରେ ଚିତ୍କାର

କରୁଛନ୍ତି ହଜୁର ସ.ଆ ତାଙ୍କୁ କହିଲେ ତୁମେ ଏହିଥିରେ ପ୍ରତିଷ୍ଠିତ ରୁହ, ତୁମେ ଜଣେ ଏପରି ଭକ୍ତ ଅଟ ଯାହାଙ୍କ ହୃଦୟରେ ଅଲ୍ଲାଃତାଲା ବିଶ୍ୱାସକୁ ଉଜ୍ୱଳମୟ କରିଦେଇଛନ୍ତି । ତାପରେ ସେ କହିଲେ ହେ ଅଲ୍ଲାଃଙ୍କ ରସୁଲ ମୋ ପାଇଁ ଶହିଦ ହେବାର ଦୁଆ କରନ୍ତୁ । ଅତଃ ହଜୁର ତାଙ୍କ ପାଇଁ ଦୁଆ କଲେ ଲେଖାଅଛି ସେ ପ୍ରଥମ ସାହାବି ଥିଲେ ଯେ ବଦର ଯୁଦ୍ଧରେ ଶହିଦ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ । ତାଙ୍କ ଶହିଦ ହେବାର ଖବର ଯେତେବେଳେ ତାଙ୍କ ମାତାଙ୍କ ନିକଟରେ ପହଂଚିଲା ସେତେବେଳେ ସେ ହଜୁର ସ.ଆଙ୍କ ନିକଟରେ ଉପସ୍ଥିତ ହେଲେ ଏବଂ କହିଲେ ଆପଣଙ୍କୁ ତ ଜଣା ଅଛି ମୁଁ ନିଜ ପୁତ୍ରକୁ କିଭଳି ସ୍ନେହ, ଆଦର କରୁଥିଲି ସେ ମୋର କେତେ ସେବାଜତ୍ନ କରୁଥିଲା । ଯଦି ସେ ବୈକୁଣ୍ଠବାସୀ ମଧ୍ୟରେ ଅନ୍ତର୍ଭୁକ୍ତ ତେବେ ମୁଁ ଧୈର୍ଯ୍ୟ ଧରିନେବି କିନ୍ତୁ ଯଦି ଏପରି ନୁହେଁ ତେବେ ଅଲ୍ଲାଃ ହିଁ ଜାଣନ୍ତି ମୁଁ କ'ଣ କରିବସିବି । ହଜୁର ସ.ଆ କହିଲେ ହେ ଉମ୍ମେ ହାରସା ! ବୈକୁଣ୍ଠ ଗୋଟିଏ ନୁହେଁ ବରଂ ଅନେକ ଏବଂ ହାରସା ତ ବୈକୁଣ୍ଠର ଉଚ୍ଚତମ ସ୍ତରରେ ବିରାଜିତ ଅଛନ୍ତି । ଏଥିରେ ସେ ସେଠାରୁ ପ୍ରସନ୍ନିତ ହୋଇ ଫେରି ଆସିଲେ ଏବଂ କହୁଥିଲେ ଧନ୍ୟ ଧନ୍ୟରେ ପୁତ୍ର ହାରସା ।

ଆଉ ଜଣେ ସାହାବି ହଜରତ ଅବାଦାଃ ବିନ୍ ବଶିର ୧୧ ହିଜରୀରେ ୟମାମା ଯୁଦ୍ଧରେ ଦେହତ୍ୟାଗ କରିଥିଲେ । ହଜରତ ଅବାଦ ବିନ୍ ବଶିରଙ୍କ ସଂଜ୍ଞା ଅବୁ ବଶର ଓ ଅବୁ ରବିଇ ଅଟେ । ତାଙ୍କ ସମ୍ପର୍କ ବନୁ ଅବଦୁଲ୍ ଅଶହଲ୍ କହିଲା (ଦଳ) ସହ ଥିଲା । ତାଙ୍କର ମାତ୍ର ଜଣେ କନ୍ୟା ସନ୍ତାନ ଥିଲେ, ତାଙ୍କର ମଧ୍ୟ କାଳ ହୋଇଯାଇଥିଲା । ସେ ମଦିନାରେ ହଜରତ ମୁସେବ ବିନ୍ ଅମିରଙ୍କ ହାତରେ ହଜରତ ସାଦ ବିନ୍ ମାଜ ଓ ହଜରତ ଉସେଦ ବିନ୍ ହଜୀରଙ୍କ ପୂର୍ବରୁ ଇସଲାମ ସ୍ୱୀକାର କରିଥିଲେ । ମଦିନାରେ ଭାତୃଭାବର ସମ୍ପର୍କ ସ୍ଥାପନ କରିବା ସମୟରେ ହଜୁର ସ.ଆ ତାଙ୍କର ଅବୁ ହୁଜେଫା ବିନ୍ ଉକବାଙ୍କ ସହ ଭାତୃଭାବ ସ୍ଥାପନ କରେଇଥିଲେ । ହଜରତ ଅବାଦ ବିନ୍ ବଶିର ବଦର, ଓ୍ୱହଦ, ଖନ୍ଦକ ତଥା ଅନ୍ୟ ସମସ୍ତ ଯୁଦ୍ଧରେ ହଜୁର ସ.ଆଙ୍କ ସହ ସାମିଲ ଥିଲେ । ଆପଣ ସେହି ସାହାବାମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ, ଯାହାଙ୍କୁ ହଜୁର ସ.ଆ କାବ ବିନ୍ ଅଶରଫ୍‌ର ହତ୍ୟା କରିବାକୁ ପ୍ରେରଣ କରିଥିଲେ ।

ହଜୁର ସ.ଆ ସେମାନଙ୍କୁ ଏହି ନିର୍ଦ୍ଦେଶ ଦେଇଥିଲେ କି କାବଙ୍କୁ ଜନ ସମାଗମ ସ୍ଥାନରେ ଆଣି ହତ୍ୟା କରିବ ନାହିଁ ବରଂ କିଛି ଲୋକ ନିରବତାର ସହିତ ଉପଯୁକ୍ତ ସମୟ ଦେଖି ତାଙ୍କୁ ହତ୍ୟା କରିବ ଏବଂ ଏହି କାର୍ଯ୍ୟ ନିମନ୍ତେ ଆପଣ ଅଓ୍ୱସ କବିଲାର ଜଣେ ନିଷ୍ପାପର ସାହାବି ମହମ୍ମଦ ବିନ୍ ମୁସେଲେମାଙ୍କୁ ନିଯୁକ୍ତ କରିଥିଲେ ଏବଂ ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ କି ଯେଉଁ ଯୋଜନା ପ୍ରସ୍ତୁତ କର ସେଥି ସମ୍ବନ୍ଧରେ ଅଓ୍ୱସ କବିଲାର ପ୍ରମୁଖ ସାଦ ବିନ୍ ମାଜଙ୍କୁ ଅବଗତ କରେଇବ । ସେ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ନିରବତାର ସହିତ କାବଙ୍କୁ ହତ୍ୟା କରିବା ନିମନ୍ତେ କୌଣସି ଉପାୟ ପାଂଚି ତାଙ୍କୁ ଫୁସୁଲାଇ ଘରୁ ପଦାକୁ ଆଣିବାକୁ ହେବ ଏବଂ କୌଣସି ସୁରକ୍ଷିତ ସ୍ଥାନରେ ନେଇ ତାଙ୍କୁ ହତ୍ୟା କରିବାକୁ ହେବ । ହଜୁର ସ.ଆ ତାଙ୍କୁ ଏହାର ଅନୁମତି ପ୍ରଦାନ କରିଥିଲେ ।

ହଜୁର ସ.ଆ ଉକ୍ତ ହତ୍ୟାକାଣ୍ଡର ବଡ଼ ଧରଣର ପରିଣାମକୁ ଆଖିଆଗରେ ରଖି ଯାହାକି ନିରବତାର ସହ ହତ୍ୟା ନକରିବା ଦ୍ୱାରା ପରିସ୍ଥିତି ସଂଙ୍କଟାପର୍ଣ୍ଣ ହେବାର ଆଶଙ୍କା ଥିଲା, କହିଲେ ଏହିପରି କରିବା ଠିକ୍ ହେବ । ଅତଏବ ମହମ୍ମଦ ବିନ୍ ମୁସେଲେମା ସାଦ ବିନ୍ ମାଜଙ୍କ ପରାମର୍ଶକ୍ରମେ ଅବୁ ନାଏଲା ଓ ୨/୩ଜଣ ସାହାବାଙ୍କୁ ନିଜ ସାଥିରେ ନେଇ କାବଙ୍କ ଘରେ ପହଂଚିଲେ । କାବ୍‌ଙ୍କୁ ଘରୁ ଡ଼ାକି କହିଲେ ହଜୁର ସ.ଆ ଆମଠାରୁ ସଦକା ମାଗିଛନ୍ତି କିନ୍ତୁ ଆମ ହାତରେ କିଛି ନାହିଁ କ'ଣ ତୁମେ ଆମକୁ କିଛି ଟଙ୍କା କରଜ ଦେଇପାରିବ । ଏକଥା ଶୁଣି କାବ ଆନନ୍ଦରେ ଡ଼େଇଁ ପଡ଼ିଲା ଏବଂ କହିଲା ହେ ପ୍ରଭୁ ସେ ଦିନ ଦୂର ନାହିଁ ଯେତେବେଳେ ତୁମେମାନେ ସେହି ବ୍ୟକ୍ତି (ହଜରତ ମହମ୍ମଦ ସ.ଆ)ଙ୍କ ନିକଟରୁ ଅତିଷ୍ଠ ହୋଇ ତାଙ୍କୁ ଛାଡ଼ି ଚାଲି ଆସିବ । ଏଥିରେ ମହମ୍ମଦ ଉତର ଦେଲେ ସେ ଜାହା ହେଉ ଆମେ ତ ତାଙ୍କର ଆନୁଗତ୍ୟ ସ୍ୱୀକାର କରିନେଇଛୁ ଏବଂ ବର୍ତମାନ ଦେଖିବାର ଅଛି କି ଏହି ସମ୍ପ୍ରଦାୟର ପରିଣାମ କ'ଣ ହେଉଛି । କିନ୍ତୁ ତୁମେ କୁହ ତୁମେ ଆମର ସାହାଯ୍ୟ କରିବ ନା ନାହିଁ । କାବ୍ କହିଲା ହିଁ କରିବି କିନ୍ତୁ ପ୍ରତିବଦଳରେ କୌଣସି ଜିନିଷ ମୋ ନିକଟରେ ବନ୍ଧା ରଖ । ମହମ୍ମଦ କହିଲେ କେଉଁ ଜିନିଷ ? ସେ ଦୁରାଚାରୀ କହିଲା ନିଜ ପତ୍ନୀମାନଙ୍କୁ ରଖିଦିଅ । ମହମ୍ମଦ ନିଜ ରାଗ ଶାନ୍ତ କରି କହିଲେ ଏହା କିଭଳି ସମ୍ଭବ ତୁମ ପରି ଲୋକ ନିକଟରେ ଆମେ ନିଜ ପତ୍ନୀମାନଙ୍କୁ କିପରି ରଖିପାରିବୁ ତୁମ ଉପରେ ଆମର ଆଦୌଁ ଭରଷା ନାହିଁ । ସେ କହିଲେ ତେବେ ନିଜ ସନ୍ତାନମାନଙ୍କୁ ରଖିଦିଅ । ମହମ୍ମଦ କହିଲେ ଏହା ମଧ୍ୟ ସମ୍ଭବ ନୁହେଁ କାରଣ ଏପରି କରି ଆମେ ସମଗ୍ର ଆରବବାସୀଙ୍କ ଅପନିନ୍ଦା ସହ୍ୟ କରିପାରିବୁ ନାହିଁ । ହିଁ ଯଦି ତୁମେ ଦୟା ଆଚରଣ କର ତେବେ ଆମେ ନିଜ ଅସ୍ତ୍ରଶସ୍ତ୍ରକୁ ତୁମ ନିକଟରେ ରଖିପାରିବୁ । ଏଥିରେ

କାବ୍ ରାଜି ହୋଇଗଲା, ଅତଃ ମହମ୍ମଦ ବିନ୍ ମୁସେଲେମା ଓ ତାଙ୍କ ସାଥି ରାତିରେ ଆସିବାର ପ୍ରତିଶୃତି ଦେଇ ସେଠାରୁ ଫେରି ଆସିଲେ । ଅନ୍ଧାର ଚଢିବା ମାତ୍ର ଉକ୍ତ ଦଳ ନିଜ ଅସ୍ତ୍ରଶସ୍ତ୍ର ନେଇ କାବ୍‌ଙ୍କ ଘରେ ପହଂଚିଲେ ଏବଂ ତାଙ୍କୁ କଥାକଥାରେ ଘରୁ ପଦାର ଗୋଟିଏ ପାର୍ଶ୍ୱକୁ ଆଣି କାବୁ କରିନେଲେ ଏବଂ ପୂର୍ବରୁ ଯେଉଁ ସାହାବାମାନେ ନିଜ ଅସ୍ତ୍ରରେ ସୁସଜ୍ଜିତ ଥିଲେ, ଆକ୍ରମଣ କରି ତାଙ୍କୁ ହତ୍ୟା କରିଦେଲେ । ଏପରି କାବ୍‌କୁ ହତ୍ୟା କରିବାରେ ସେ ଟଳି ପଡ଼ିଲା ଏବଂ ମହମ୍ମଦ ବିନ୍ ମୁସେଲେମା ନିଜ ସାଥିମାନଙ୍କ ସହିତ ସେଠାରୁ ବାହାରି ହଜୁର ସ.ଆଙ୍କ ନିକଟରେ ପହଂଚିଲେ ଏବଂ କାବ୍‌ର ମୃତ୍ୟୁ ସମ୍ବାଦ ଦେଲେ । ଯେତେବେଳେ କାବ୍ ହତ୍ୟା ହୋଇଯାଇଥିବାର ଖବର ପ୍ରଚାର ହେଲା ସେତେବେଳେ ସହରର ପରିସ୍ଥିତି ଅସ୍ଥିର ହୋଇଗଲା ଏବଂ ୟହୁଦିମାନେ ଅତ୍ୟନ୍ତ ଉତ୍ୟକ୍ତ ହୋଇ ଉଠିଲେ । ଦ୍ୱିତୀୟ ଦିନ ସକାଳୁ ୟହୁଦିମାନଙ୍କ ଏକ ଦଳ ହଜୁର ସ.ଆଙ୍କ ନିକଟରେ ହାଜର ହୋଇ ଅଭିଯୋଗ କଲେ କି ଆମ ସରଦାର କାବ୍ ବିନ ଅଶରଫ୍‌କୁ ହତ୍ୟା କରାଯାଇଛି । ହଜୁର ସ.ଆ ତାଙ୍କର କଥା ଶୁଣିବା ପରେ କହିଲେ କ'ଣ ତୁମମାନଙ୍କୁ ଜଣା ଅଛି କି କାବ୍ କେଉଁ କେଉଁ ଜଘନ୍ୟ ଅପରାଗରେ ଜଡ଼ିତ ଥିଲା ତାପରେ ହଜୁର ସ.ଆ ସେମାନଙ୍କୁ କାଦ୍‌ର ଅପରାଧ ସମ୍ବନ୍ଧରେ ସକ୍ଷିପ୍ତ ବିବରଣୀ ଦେଲେ କି ସେ ପ୍ରତିଶୃତି ଭଙ୍ଗ କରିବା, ଲୋକମାନଙ୍କୁ (ମୁସଲମାନମାନଙ୍କ ବିରୋଧରେ) ଯୁଦ୍ଧ କରିବାକୁ ପ୍ରବତାଇବା, ବିଶୃଙ୍ଖଳା ସୃଷ୍ଟି କରିବା, ଅଭଦ୍ର ଭାଷା କହିବା, ସଡ଼ଯନ୍ତ୍ର କରିବା କଥା ସେମାନଙ୍କୁ ମନେପକାଇଲେ ଯଦ୍ୱାରା ସେମାନେ ଡ଼ରି ନିରବ ହୋଇଗଲେ । ତାପରେ ହଜୁର ସ.ଆ ସେମାନଙ୍କୁ କହିଲେ ତୁମମାନଙ୍କୁ ଆବଶ୍ୟକ କି ଆସନ୍ତାରେ ତୁମେମାନେ ଶାନ୍ତି ଓ ସହଯୋଗ କରିବା ଭାବନାର ସହିତ ମିଳିମିଶି ରହିବାକୁ ଚେଷ୍ଟା କର ନା କି ଶତ୍ରୁତା ଓ ବିଶୃଙ୍ଖଳାର ବଜାର ଗରମ କର । ଅତଃ ୟହୁଦିମାନଙ୍କ ସହମତିକ୍ରମେ ଏକ ନୂତନ ପ୍ରତିଶୃତିନାମା ପ୍ରସ୍ତୁତ କରାଗଲା ଏବଂ ସେମାନେ ମୁସଲମାନମାନଙ୍କ ସହ ଶାନ୍ତି ଓ ସଦ୍ଭାବନାର ସହିତ ରହିବାର ଏବଂ ବିଭ୍ରାଟ ଓ ବିଶୃଙ୍ଖଳା ନକରିବାର ପ୍ରତିଜ୍ଞା କଲେ । ହଜୁର ସ.ଆ ସେମାନଙ୍କ କଥା ଶୁଣି ଏପରି କହି ନଥିଲେ କି ମୁସଲମାନମାନେ କାବ୍‌ର ହତ୍ୟା କରି ନାହାନ୍ତି ବରଂ ତାହାର ଅପରାଧ ଗଣାଇଥିଲେ ଏବଂ ତାହାର ପ୍ରକାଶ୍ୟ ପରିଣାମ ସମ୍ବନ୍ଧରେ ଅବଗତ କଲେ କି ତାହାର ହତ୍ୟା ହେବା ସୁନିଶ୍ଚିତ ଥିଲା । ତାହାର ହରକତ୍ ସମ୍ବନ୍ଧରେ ଶୁଣି ୟହୁଦିମାନେ ମଧ୍ୟ ସ୍ୱୀକାର କଲେ ଯେ, ଆପଣ ଠିକ୍ କହୁଛନ୍ତି । ତେବେ ତ ସେମାନେ ନୂତନ ପ୍ରତିଶୃତି ନାମାରେ ଏକମତି ହେଲେ ଯଦ୍ୱାରା ଏପରି ଘଟଣା ପରବର୍ତୀ ସମୟରେ ନଘଟେ ଏବଂ ଏକ ଶାନ୍ତି ପୂର୍ଣ୍ଣ ପରିବେଶ ସୃଷ୍ଟି ହେଉ ନା କି ୟହୁଦି ପ୍ରତିଶୋଧ ନେବା ଆରମ୍ଭ କରିଦିଅନ୍ତୁ ଏବଂ ମୁସଲମାନମାନେ ସେମାନଙ୍କୁ ଦଣ୍ଡ ଦେବା ଆରମ୍ଭ କରିଦିଅନ୍ତୁ । ଯଦି ଉକ୍ତ ଘଟଣାକୁ ୟହୁଦିମାନେ ଅପରାଧ ମଣିଥାନ୍ତେ ତେବେ ସେମାନେ ଶାନ୍ତ ହୋଇ ବସିନଥାନ୍ତେ ବରଂ ପ୍ରତିଶୋଧ ନେଇଥାନ୍ତେ । କିନ୍ତୁ ସେମାନେ ଏପରି କୌଣସି ଦାବି କରିନଥିଲେ ବରଂ ନିରବ ରହିଥିଲେ ତେବେ ଏସମସ୍ତ ଘଟଣା ଦର୍ଶାଉଅଛି ଯେ, କାବ୍‌ର ହତ୍ୟା କରିବା ପ୍ରଚଳିତ ସମୟର ନିୟମାନୁଯାୟୀ ଥିଲା । କାରଣ ସେ ଯେଉଁ ପ୍ରକାରର ବିଶୃଙ୍ଖଳା ସୃଷ୍ଟି କରୁଥିଲା ତାହା ହତ୍ୟା କରିବା ଠାରୁ ମଧ୍ୟ ଜଘନ୍ୟ ଅପରାଧ ଥିଲା ଏବଂ ଏପରି ଅପରାଧୀର ଦଣ୍ଡ ତାହା ହିଁ ହେବା ଉଚିତ୍ ଥିଲା । ଯେପରିକି ମୁଁ କହିଲି ସେହି ସମୟ ଅନୁଯାୟୀ ଯେତେବେଳେ ତାକୁ ଦଣ୍ଡ ଦିଆଗଲା ୟହୁଦିମାନେ ଅଭିଯୋଗ କଲେ ନାହିଁ । ହଁ ଯଦି ତାହାକୁ ଦଣ୍ଡ ଦିଆଯାଇନଥାନ୍ତା ତେବେ ସେମାନେ ଅଭିଯୋଗ କରିଥାନ୍ତେ କି କାବ୍ ବିରୋଧରେ ମୁକଦ୍ଦମା କରି ତାକୁ ଦଣ୍ଡ କାହିଁ ଦିଆଗଲା ନାହିଁ । ଅତଏବ ଏଥିରୁ ପ୍ରମାଣିତ ହେଉଅଛି ଯେ, ତାହାର ହତ୍ୟା କରିବା ସମ୍ପୂର୍ଣ୍ଣ ବୈଧ ଥିଲା । କିନ୍ତୁ ଏହା ମଧ୍ୟ ସ୍ପଷ୍ଟ ହେଉ ଯେ, ଆଜିକାଲିର କଠୋରବାଦୀ ଦଳମାନେ ଏହାର ଭୂଲ ଅର୍ଥ ବାହାର କରୁଛନ୍ତି ଏବଂ ସେହିପରି ପ୍ରଶାସନ ମଧ୍ୟ ଭ୍ରାନ୍ତ ଧାରଣା ପୋଷଣ କରି ମନେକରୁଛନ୍ତି କି ଏପରି ହତ୍ୟା କରିବା ବୈଧ ଅଟେ । **ପ୍ରଥମ** କଥା ହେଲା (ବର୍ତମାନ) ଯାହାଙ୍କୁ ହତ୍ୟା କରାଯାଉଅଛି ସେମାନେ ସେପରି କୌଣସି ବିଭ୍ରାଟ, ବିଶୃଙ୍ଖଳା ସୃଷ୍ଟି କରୁନାହାନ୍ତି, ନା ସେମାନେ ବିଶୃଙ୍ଖଳତା ସୃଷ୍ଟିକାରୀ ଅଟନ୍ତି । **ଦ୍ୱିତୀୟ** କଥା ହେଲା ସେହି ସମୟରେ କେବଳ ବିଶୃଙ୍ଖଳା ସୃଷ୍ଟିକାରୀ (କାବ୍‌ଙ୍କୁ) ଦଣ୍ଡ ଦିଆଯାଇଥିଲା ନା କି ତାହାର ପରିବାରବର୍ଗଙ୍କୁ ନା ଅନ୍ୟ କାହାରିକୁ କିନ୍ତୁ ଏଠାରେ ତ ଏମାନେ ନିରିହ ମହିଳା ଏବଂ ପିଲାମାନଙ୍କୁ ମଧ୍ୟ ହତ୍ୟା କରିବାକୁ ନିବୃତ ରହୁ ନାହାନ୍ତି ତଥା ଲୋକମାନଙ୍କୁ ଅକର୍ମନ୍ୟ କରି ଦେଉଛନ୍ତି । ସେ ଜାହା ହେଉ ଆଜିକାଲିର ନିୟମ କାନୁନ୍ ମୁତାବକ ଏସବୁ କାର୍ଯ୍ୟ ଅର୍ଥାତ ହତ୍ୟା କରିବା ଯୁକ୍ତିଯୁକ୍ତ ନୁହେଁ । ସେତେବେଳେ କାବ୍‌ର ହତ୍ୟା କରିବା ସଠିକ୍ ଥିଲା ଏବଂ ଉକ୍ତ ଦଣ୍ଡ ତାହାକୁ ପ୍ରଶାସନ ଦେଇଥିଲା ।

ହଜରତ ଅବାଦ ବିନ୍ ବଶିର୍‌ଙ୍କ ଗଣନା ବିଜ୍ଞ ସାହାବାମାନଙ୍କ ମଧ୍ୟରେ ହେଉଥିଲା । ହଜରତ ଆଏଶା ର.ଅ ବର୍ଣ୍ଣନା କରିଛନ୍ତି ଅନସାର୍‌ମାନଙ୍କ ମଧ୍ୟରେ ତିନ ଜଣ ବ୍ୟକ୍ତି ଏପରି ଥିଲେ ଯାହାଙ୍କ ଶ୍ରେଷ୍ଠତା ଉପରେ ଅନ୍ୟ କାହାରି ଗଣନା ହୋଇ ପାରିବ

ନାହିଁ । ସେମାନେ ଥିଲେ ହଜରତ ସାଦ ବିନ୍ ମାଜ୍, ହଜରତ ଉସେଦ୍ ବିନ୍ ହଜୀର ଓ ହଜରତ୍ ଅବାଦ ବିନ୍ ବଶିର୍ ।

ହଜରତ ଅବାଦ ବିନ୍ ବଶିର୍ ବର୍ଣ୍ଣନା କରନ୍ତି କି ହଜୁର ସ.ଆ ଅନ୍‌ସାରମାନଙ୍କୁ କହିଲେ ହେ ଅନସାର୍ ଦଳ ! ତୁମେମାନେ ମୋର ଶାଅର ଅଟ ଅର୍ଥାତ ସେହି ବସ୍ତ୍ର ଯାହାକି ବସ୍ତ୍ରର ଅଭ୍ୟନ୍ତରରେ ପରିଧାନ କରାଯାଇଥାଏ ଏବଂ ଶରୀର ସହ ସଲଗ୍ନ ରହିଥାଏ । ପୁନଃ କହିଲେ ଅନ୍ୟମାନେ ଦସାର ଅଟନ୍ତି ଅର୍ଥାତ ସେହି ଚଦର ଯାହାକି ଶରୀର ଉପରେ ଘୋଡ଼ାଯାଏ । ହଜୁର ସ.ଆ କହିଲେ ମୋର ପୂର୍ଣ୍ଣ ବିଶ୍ୱାସ ଯେ ତୁମମାନଙ୍କ ନିକଟରୁ ମୋତେ କୌଣସି ପ୍ରକାରର କଷ୍ଟ ଦାୟକ ଖବର ମିଳିବ ନାହିଁ । ହଜରତ ଅବାଦ ବିନ୍ ବଶିର୍ ୪୫ବର୍ଷ ବୟସରେ ୟମାମା ଯୁଦ୍ଧରେ ଶହିଦ ହେଲେ । ହଜରତ ଆଏଶା ର.ଅ କୁହନ୍ତି ହଜୁର ସ.ଆ ମୋ ଘରେ ତହଜୁଦ୍ ନମାଜ ପାଠ କରୁଥିଲେ କି ଆପଣ ହଜରତ ଅବାଦ୍ ବିନ୍ ବଶିରଙ୍କର ଶ୍ୱର ଶୁଣିଲେ ଯେ ମସଜିଦ୍‌ରେ ନମାଜ ପଢୁଥିଲେ । ଆପଣ ମୋତେ ପଚାରିଲେ ଆଏଶା କ'ଣ ଏହା ଅବାଦଙ୍କର ଶ୍ୱର ଅଟେ । ମୁଁ ଉତର ଦେଲି ଜି ହଜୁର ! ଆପଣ ଦୁଆ କଲେ ହେ ଅଲ୍ଲାଃ ଅବାଦଙ୍କ ସହ ଦୟା ଆଚରଣ କର । ସେ ହଜୁର ସ.ଆଙ୍କ ସହ ସୁଲଃ ହୁଦେବିୟା ଯାତ୍ରାରେ ସାମିଲ୍ ଥିଲେ ।

ହଜରତ ମହମ୍ମଦ ସ.ଆ ହଜରତ ଅବାଦ ବିନ୍ ବଶିର୍‌ଙ୍କୁ ମୁସଲମାନମାନଙ୍କ ସଂଖ୍ୟା ଗରିଷ୍ଟ ଦଳର ଆଗେ ଆଗେ ରହିବା ଅର୍ଥାତ ନେତୃତ୍ୱ ନେବା ନିମନ୍ତେ ମୁତୟନ କରିଥିଲେ । ସେ ଅତି ବିଶ୍ୱସ୍ତ ସାହାବି ଥିଲେ । ହୁଦେବିୟାରେ ବୟତେ ରିଜୱାନରେ ଆପଣ ସାମିଲ୍ ଥିଲେ । ଜାତେ ରିକା ଯୁଦ୍ଧ ସମୟରେ ହଜୁର ସ.ଆ ମତ ପ୍ରକାଶ କଲେ, ଆଜି ରାତିରେ କିଏ ମୋର ପହରା ଦେବ କହିବାରେ ହଜରତ ଅବାଦ ବିନ୍ ବଶିର ଓ ହଜରତ ଅମାର ବିନ୍ ୟାସିର ଆଗକୁ ବଢି କହିଲେ ହଜୁର ଆମେ ପହରା ଦେବୁ । ଅତଃ ଦୁହେଁ ଜଣ ଜଣ କରି ପହରା ଦେଲେ, ରାତିର ଅନ୍ଧାରରେ ନହଦ୍ କବିଲାର ଜଣେ ବ୍ୟକ୍ତି ହଜରତ ଅବାଦ ବିନ୍ ବଶିରଙ୍କୁ ତୀର ମାରିଲା ସେତେବେଳେ ସେ ନମାଜ ପାଠ କରୁଥିଲେ । ତୀର ଆପଣଙ୍କ ଶରୀରରେ ଭେଦ କରିଗଲା କିନ୍ତୁ ଆପଣ ନମାଜ ପାଠ କରିବାରେ ମଗ୍ନ ରହିଲେ । ଉକ୍ତ ଦୁର୍ବୃତ ଜଣକ ତାଙ୍କୁ କ୍ରମାଗତ ଭାବରେ ତିନୋଟି ତୀର ମାରିଲା ଯଦ୍ୱାରା ଆପଣଙ୍କ ଶରୀରରୁ ପ୍ରବଳ ରକ୍ତ ଶ୍ରାବ ହେଲା କିନ୍ତୁ ଆପଣ ନମାଜ ଭଙ୍ଗ କଲେ ନାହିଁ । ନମାଜ ଶେଷ କରିବା ପରେ ଆପଣ ହଜରତ ଅମାର ବିନ୍ ୟାସିରଙ୍କୁ ଜଗାଇଲେ, ସେ ତାଙ୍କର ଏପରି ଅବସ୍ଥା ଦେଖି କହିଲେ ତୁମେ ମୋତେ ପୂର୍ବରୁ କାହିଁ ଜଗାଇଲ ନାହିଁ ? ସେ ଉତର ଦେଲେ ମୁଁ ସୁରେ କାହାଫ୍ ପାଠ କରୁଥିଲି ତେଣୁ ନମାଜ ଭଙ୍ଗ କରିବାକୁ ମୋର ମନ ଡ଼ାକିଲା ନାହିଁ । ସେ ୟମାମା ଯୁଦ୍ଧରେ ଶହିଦ୍ ହେଲେ ।

ଆଉ  ଜଣେ ସାହାବି ହଜରତ ସୱାଦ ବିନ୍ ଗଜି ର.ଅ ଅଟନ୍ତି । ଆପଣ ବନୁ ଅଦି ବିନ୍ ନଜାର କବିଲାର ଥିଲେ । ବଦର, ଓ୍ୱହଦ, ଖନ୍ଦକ ଓ ଅନ୍ୟାନ୍ୟ ଯୁଦ୍ଧରେ ସେ ସାମିଲ ଥିଲେ । ବଦର ଯୁଦ୍ଧରେ ଆପଣ ଖାଲିଦ୍ ବିନ୍ ହିଶାମ୍ ମଖ୍‌ଜୁମିଙ୍କୁ କଏଦ କରିଥିଲେ ଲେଖାଅଛି ହଜୁର ସ.ଆ ଆପଣଙ୍କୁ ଖୈବର୍‌ର କର୍ମକର୍ତା କରି ପ୍ରେରଣ କରିଥିଲେ । ପତ୍ୟାବର୍ତନ ସମୟରେ ସେଠାରୁ ଉତମ ଖଜୁରୁ ନେଇ ଆସିଥିଲେ । ହଜୁର ସ.ଆ ତାଙ୍କ ଠାରୁ ଏକ ଶା(ଓଜନର) ଖଜୁରୁ ଦୁଇ ଶା ସାଧାରଣ ଖଜୁରୁ ବଦଳରେ କ୍ରୟ କରିଥିଲେ । ବଦର ଯୁଦ୍ଧ ସମୟରେ ହଜୁର ସ.ଅ ଏକ ତୀର ମାଧମରେ ମୁସଲମାନମାନଙ୍କ ଧାଡ଼ି ସିଧା କରୁଥିଲେ । ତାଙ୍କ ତୀର ହଜରତ ସୌଦାଙ୍କ ଛାତିରେ ପ୍ରବେଶ କରିଗଲା । ହଜରତ ସୌଦା କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ଆପଣ ମୋତେ ଅଯଥା ତୀର ମାରିଲେ, ଅଲ୍ଲାଃଙ୍କ ରାଣ ମୁଁ ଏହାର ପ୍ରତିଶୋଧ ନେବି । ହଜୁର ସ.ଆ ଅତ୍ୟନ୍ତ ନମ୍ରତାର ସହିତ କହିଲେ ଠିକ୍ ଅଛି ତୁମେ ମୋତେ ତୀର ମାରିନିଅ । ହଜୁର ନିଜ ଛାତିରୁ ବସ୍ତ୍ର ଉଠାଇ ଦେଲେ, ସୌଦା ଆଗକୁ ବଢି ଆପଣଙ୍କ ଛାତି ଚିମ୍ୱନ କରିବାକୁ ଲାଗିଲେ । ହଜୁର ସ.ଆ କହିଲେ ସୌଦା ଏପରି ଚିନ୍ତା ତୁମ ମନରେ କାହିଁ ଆସିଲା ? ସେ ଭାବବିହୋଳ ହୋଇ କହିଲେ ହଜୁର ଶତ୍ରୁ ସମ୍ମୁଖରେ ଛିଡ଼ା ହୋଇଛି କିଛି ଜଣା ନାହିଁ ଏଠାରୁ ଜୀବିତ ଫେରିପାରିବା କି ନାହିଁ । ମୁଁ ମନେକଲି ଶହିଦ୍ ହେବା ପୂର୍ବରୁ ଆପଣଙ୍କ ପବିତ୍ର ଶରୀର ସହ ନିଜ ଶରୀରକୁ ସ୍ପର୍ଶ କରି ପ୍ରେମ କରିଦିଏ । ଏଥିରେ ହଜୁର ଆପଣଙ୍କ ମଙ୍ଗଳ କାମନା କରି ଦୁଆ କଲେ ।

ଅଲ୍ଲାଃତାଲା ଏହି ଉଜ୍ୱଳମୟ ତାରକାପୁଞ୍ଜମାନଙ୍କ ବୈକୁଣ୍ଠରେ ସ୍ତର ବୃଦ୍ଧି କରିଚାଲନ୍ତୁ ଏବଂ ଆମକୁ ମଧ ହଜୁର ସ.ଆଙ୍କ ସହ ପ୍ରେମ କରିବାର ସତ୍ୟାସତ୍ୟକୁ ବୁଝିବାକୁ ଶକ୍ତି ପ୍ରଦାନ କରନ୍ତୁ ।

Khulasa Khutba Juma Huzoor Anwar a.b.a

20th July 2018